# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ହରିଚନ୍ଦନପୁର

## ବିଜ୍ଞାପନ

ସଂଖ୍ୟା-୫୬୪ ତା- ୩୦.୦୫.୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ହରିଚନ୍ଦନପୁରଙ୍କ ଅଧିନରେ ଖାଲି ପଡିଥିବା ନିମ୍ନୋକ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଅଙ୍ଗନବାଡି କର୍ମୀ ଭାବରେ କାର୍ଯ୍ୟ କରିବା ପାଇଁ ସେଚ୍ଛାସେବୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ କେବଳ ଅନଲାଇନ ମାଧ୍ୟମରେ ସରକାରଙ୍କ ପ୍ରଦତ ପୋର୍ଟାଲ (https://engagement-awc.odisha.gov.in/landing) ଜରିଆରେ ଆବଶ୍ୟକୀୟ ସମସ୍ତ ପ୍ରମାଣପତ୍ର ଓ ତଥ୍ୟ ସହିତ ତା ୦୧.୦୬.୨୦୨୬ ରୁ ୧୫.୦୬.୨୦୨୬ ରିଖ ରାତ୍ର ୧୨ ଘଟିକା ସୁଦ୍ଧା ଆବେଦନ କରି ପାରିବେ । ଅନଲାଇନ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

(୧) ଅଙ୍ଗନବାଡି କେନ୍ଦ୍ରର କର୍ମୀ ଭାବେ ସେଚ୍ଛାସେବୀ ଚୟନ ହେବାକୁ ଥିବା କେନ୍ଦ୍ରଗୁଡିକର ବିବରଣୀ

| କ୍ର.ସଂ | ଗ୍ରାମ ପଂଚାୟତର ନାମ | ଗ୍ରାମର ନାମ | ଅଙ୍ଗନବାଡ଼ି କେନ୍ଦ୍ରର ନାମ | କେନ୍ଦ୍ରର ପରିସର |
|---|---|---|---|---|
| ୧ | ଗୌଣିଘଷା | ଗୌଣିଘଷା | ଗୌଣିଘଷା | ଫୁଲମଣି ମହାନ୍ତଙ୍କ ଘର(ଘ.ନଂ-୧) ରୁ ଗୁନି ମହାନ୍ତ ଙ୍କ ଘର(ଘ.ନଂ-୨୧୬) |
| ୨ | ଭଅଁରପୁର | ଚଷାଟାଙ୍ଗିର | ଚଷାଟାଙ୍ଗିରି-୧ | ନିତ୍ୟାନନ୍ଦ ମହାକୁଡ ଙ୍କ ଘର (ଘ.ନଂ-୧) ରୁ ନାଣ୍ଡି ସାହୁ ଙ୍କ ଘର(ଘ.ନଂ-୧୨୫) |
| ୩ | ରାସୋଳ | ରାସୋଳ | ରାସୋଳ | ରାଜ କିଶୋର ଯେନା ଙ୍କ ଘର (ଘ.ନଂ-୧) ରୁ ଶାୟିରୀ ମୁର୍ମୁ ଙ୍କ ଘର (ଘ.ନଂ- ୧୨୬) |
| ୪ | ବରେଇଗୋଡା | ସାନଜିମେଇଁ | ସାନଜିମେଇଁ | ଚଗୁଲୁ ଦେହୁରୀଙ୍କ ଘର(ଘ.ନଂ-୧) ରୁ ବନା ମୁଣ୍ଡାଙ୍କ ଘର(ଘ.ନଂ-୧୪) |
| ୫ | ଶଗଡ଼ପଟା | ପାଲବଣି | ପାଲବଣି | ଯାଦବ ନାଏକଙ୍କ ଘର(ଘ.ନଂ-୧) ରୁ ପରମେଶ୍ୱର କୁଙ୍କେଲଙ୍କ ଘର(ଘ.ନଂ-୧୧୨) |

**୨.ବୟସ ସୀମା-** ପ୍ରାର୍ଥିନୀଙ୍କର ସର୍ବନିମ୍ନ ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ଏବଂ ସର୍ବୋଚ୍ଚ ବୟସ ସୀମା ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

**୩. ଶିକ୍ଷାଗତ ଯୋଗ୍ୟତା**-ପ୍ରାର୍ଥିନୀଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ(+୨) ପାସ ହୋଇଥିବା ଆବଶ୍ୟକ । ଦ୍ୱାଦଶ ରେ ରଖିଥିବା ନମ୍ବରର ଶତକଡାକୁ ଆଧାର କରି

ଦରଖାସ୍ତକାରିଣୀ ମାନଙ୍କର ମେଧା ତାଲିକା ପ୍ରସ୍ତୁତ କରାଯିବ । ମେଧା ତାଲିକା ପ୍ରସ୍ତୁତ ସମୟରେ ନିମ୍ନମତେ ଅତିରିକ୍ତ ନମ୍ବର ମୂଳ ନମ୍ବରର ଶତକଡା ନମ୍ବର ସହ ଯୋଗ ହେବ ।

| କ୍ର.ସଂ | ବର୍ଗ | ଯୋଗ ହେବାକୁ ଥିବା ନମ୍ବର |
|---|---|---|
| ୧ | ଅନୁସୂଚିତ ଜନଜାତି /ଅନୁସୂଚିତ ଜାତି (ST/SC) | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ (ଜନ୍ମ ଦେଇଥିବା କିମ୍ବା ଆଇନଗତ ପିତାମାତା ନଥିବା ସ୍ଥଳେ) | ୧୦ |
| ୪ | ଦିବ୍ୟାଙ୍ଗ(୪୦% ରୁ ଅଧିକ ଭିନ୍ନକ୍ଷମ) | ୫ |
| ୫ | ନିରାଶ୍ରୟା/ ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତ ମହିଳା | ୫ |
| ୬ | ଦ୍ୱାଦଶରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ସ୍ଥଳେ | ୫ |
| ୭ | ପ୍ରାର୍ଥିନୀ ଅତୀତରେ ସମଗ୍ର ଶିକ୍ଷା କିମ୍ବା NPEGEL ଅଧିନରେ ECCE କର୍ମୀ ହିସାବରେ କାର୍ଯ୍ୟ କରିଥିଲେ | ବାର୍ଷିକ ୫ ନମ୍ବର ଲେଖାଏଁ ସର୍ବାଧିକ ୧୫ ନମ୍ବର |
| ୮ | ପ୍ରାର୍ଥିନୀ ଅତୀତରେ ସମ୍ପୃକ୍ତ ଗ୍ରାମରେ ବାଲବାଡି କର୍ମୀ ଭାବରେ କାର୍ଯ୍ୟ କରିଥିଲେ | ବାର୍ଷିକ ୫ ନମ୍ବର ଲେଖାଏଁ ସର୍ବାଧିକ ୧୫ ନମ୍ବର |

କ. ଅନୁସୂଚିତ କ୍ଷେତ୍ର ଅଂଚଳରେ କେବଳ ଆଦିବାସୀ ପ୍ରାର୍ଥିନୀଙ୍କ ଦରଖାସ୍ତ ବିଚାରକୁ ନିଆଯିବ ।

ଖ. ପ୍ରାର୍ଥିନୀ ଓଡିଆ ଭାଷାରେ ଭଲଭାବେ ଲେଖିପଢି ଓ କହି ପାରୁଥିବେ ।

ଗ. କୌଣସି ନିର୍ବାଚିତ ଲୋକ ପ୍ରତିନିଧି ଅଙ୍ଗନବାଡି କର୍ମୀ ପଦବୀ ନିମନ୍ତେ ଆବେଦନ କରି ପାରିବେ ନାହିଁ ।

ଘ. ପ୍ରାର୍ଥିନୀ ଦରଖାସ୍ତ ଆବେଦନ ସମୟରେ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକୁ (ନିଜସ୍ୱ ସ୍ୱାକ୍ଷର ସହିତ) ଆବେଦନ ପତ୍ର ସହିତ ସଂଲଗ୍ନ କରିବେ ।

୧.ପାସପୋର୍ଟ ସାଇଜର ଫଟୋ

୨.ଜନ୍ମ ପ୍ରମାଣପତ୍ର (ମାଟ୍ରିକ ପାସ ସାର୍ଟିଫିକେଟ)

୩. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କସିଟ

୪. ଜାତିଗତ ପ୍ରମାଣପତ୍ର(ତହସିଲଦାରଙ୍କ ଠାରୁ) ୬ ମାସ ମଧ୍ୟରେ ବାହାରିଥିବା ଆବଶ୍ୟକ)

୫. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର(ତହସିଲଦାରଙ୍କ ଠାରୁ)(୬ ମାସ ମଧ୍ୟରେ ବାହାରିଥିବା ଆବଶ୍ୟକ)

୬. ଅନାଥ ପ୍ରମାଣପତ୍ର(ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଠାରୁ)

୭. ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର(ସିଡ଼ିଏମଓଙ୍କ ଠାରୁ)

୮. ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର( କୋର୍ଟରୁ ପ୍ରମାଣିତ)

୯. ଅସହାୟ ପ୍ରମାଣପତ୍ର(ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଠାରୁ)

୧୦. ବିଧବା ପ୍ରମାଣପତ୍ର(ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ)

୧୧.ECCE Worker/ବାଲବାଡି କର୍ମୀ ଭାବେ ଅଭିଜ୍ଞତା ପ୍ରମାଣପତ୍ର( DPC,DPEP ଙ୍କ ଠାରୁ)

୧୨. ସହାୟିକା/ସଙ୍ଗଠିକା ପ୍ରମାଣପତ୍ର (ସିଡ଼ିପିଓ ଙ୍କ ଠାରୁ)

୧୩. ବିଜ୍ଞାପିତ ସାହିର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର( ଅଙ୍ଗନବାଡ଼ି କର୍ମୀଙ୍କ ସର୍ଭେ ରେଜିଷ୍ଟରରୁ ପ୍ରାର୍ଥିନୀଙ୍କ ଘର ନମ୍ବର ଥିବା ପୃଷ୍ଠାର ନକଲ କର୍ମୀଙ୍କ ଦସ୍ତଖତ ଓ ଷ୍ଟାମ୍ପ ସହ)

୧୪. ଅନଲାଇନ ରେ ଦରଖାସ୍ତ ଦାଖଲ ସମୟରେ ଅନ୍ୟାନ୍ୟ ପ୍ରମାଣପତ୍ର ଆବଶ୍ୟକ ହେଲେ ପ୍ରାର୍ଥିନୀ ତାହା ଅପଲୋଡ କରିବେ ।

**ଙ. ଯାଂଚ ପ୍ରକ୍ରିୟା-**

ଅନଲାଇନ ମାଧ୍ୟମରେ ନିର୍ଦ୍ଧାରିତ ଅବଧି ଯଥା ତା ୦୧.୦୬.୨୦୨୬ ରିଖରୁ ତା ୧୫.୦୬.୨୦୨୬ ରିଖ  ରାତ୍ର ୧୨ ଘଟିକା ମଧ୍ୟରେ ମିଳିଥିବା ସମସ୍ତ ଆବେଦନ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ତା ୨୨.୦୬.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ହରିଚନ୍ଦନପୁର ଠାରେ ଯାଂଚ କରାଯିବ । ତେଣୁ ଆବଦେନ କରିଥିବା ସମସ୍ତ ପ୍ରାର୍ଥିନୀ ଉପସ୍ଥିତ ରହି ନିଜର ସମସ୍ତ ମୂଳ ପ୍ରମାଣପତ୍ର (Original document)ଦର୍ଶାଇବେ । ଅନୁପସ୍ଥିତ ରହିଥିବା ପ୍ରାର୍ଥିନୀଙ୍କ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

**ଚ. ଚୟନ ପ୍ରକ୍ରିୟା-**

କ. ବିଜ୍ଞାପିତ ଅଙ୍ଗନବାଡି ସେବା ପରିସର ଭୁକ୍ତ ଅଂଚଳରୁ ଅଙ୍ଗନବାଡି କର୍ମୀ ପଦବୀ ପାଇଁ ଆବେଦନ କରିଥିବା ସେଚ୍ଛାସେବୀ ମାନଙ୍କ ମଧ୍ୟରୁ କେବଳ ଅନୁସୁଚିତ ଜନଜାତି(ST)ର ପ୍ରାର୍ଥିନୀଙ୍କୁ ଚୟନ କରାଯିବ । ଯଦି ସଂପୃକ୍ତ ଅଙ୍ଗନବାଡି ସେବା ପରିସର ଭୁକ୍ତ ଅଂଚଳରୁ ଯୋଗ୍ୟ ଅନୁସୁଚିତ ଜନଜାତିର ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି, ତେବେ ସଂପୃକ୍ତ ରାଜସ୍ୱ ଗ୍ରାମରୁ ଉପରୋକ୍ତ ମତେ ଆବେଦନ କରିଥିବା ଅନୁସୁଚିତ ଜନଜାତିର ପ୍ରାର୍ଥିନୀଙ୍କ ଦରଖାସ୍ତ ବିଚାରକୁ ନିଆଯିବ । ଯଦି ସଂପୃକ୍ତ ରାଜସ୍ୱ ଗ୍ରାମରୁ

ଯୋଗ୍ୟ ଅନୁସୁଚିତ ଜନଜାତିର ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି, ତେବେ ସଂପୃକ୍ତ ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଗ୍ରାମ ଗୁଡିକ ମଧ୍ୟରୁ ବିଜ୍ଞାପିତ ରାଜସ୍ୱ ଗ୍ରାମର ପାଖ ଗ୍ରାମରୁ ଉପରୋକ୍ତ ମତେ ଆବେଦନ କରିଥିବା ଅନୁସୁଚିତ ଜନଜାତି(ST)ର ପ୍ରାର୍ଥିନୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଇପାରେ ।

ଖ. ଯଦି ଉପରୋକ୍ତ ମତେ ଗ୍ରାମ ପଂଚାୟତ ଅନ୍ତର୍ଗତ ପାଖ  ଗ୍ରାମରୁ ଯୋଗ୍ୟ ଅନୁସୁଚିତ ଜନଜାତି(ST)ର ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି, ତେବେ ନିମ୍ନରେ ଦର୍ଶାଯାଇଥିବାଭଳି ଅନୁସୁଚିତ ଜାତି(SC)ର ପ୍ରାର୍ଥିନୀଙ୍କ ପାଇଁ ଏହାକୁ ଖୋଲା କରାଯାଇ ପାରିବ ।

ଗ. ଉପରୋକ୍ତ ଚ.(କ) ରେ ଉଲ୍ଲେଖ କରାଯାଇଥିବା ଅନୁସୂଚିତ ଜାତି ପ୍ରାର୍ଥିଙ୍କ ପାଇଁ ପାରା ୩. ଅଧିନରେ ପ୍ରଦାନ କରାଯାଇଥିବା ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ଏବଂ ଅଙ୍ଗନବାଡି କେନ୍ଦ୍ର ଅନ୍ତର୍ଭୁକ୍ତ ପ୍ରାର୍ଥିନୀ ମାନଙ୍କୁ ପ୍ରଥମ ପ୍ରାଥମିକତା ଦିଆଯିବ । ଯଦି ଅଙ୍ଗନବାଡି କେନ୍ଦ୍ର ଅନ୍ତର୍ଭୁକ୍ତ ଅଂଚଳରେ କୌଣସି ଉପଯୁକ୍ତ ଅନୁସୁଚିତ ଜାତି(SC)ର ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି,ତେବେ ଉକ୍ତ ଅଙ୍ଗନବାଡି ସେବା କ୍ଷେତ୍ର ବାହାରେ କିନ୍ତୁ ସେହି ଗାଁରୁ ଉପଯୁକ୍ତ ଅନୁସୁଚିତ ଜାତି(SC)ର ପ୍ରାର୍ଥିନୀ ଙ୍କୁ ଚୟନ କରାଯାଇ ପାରିବ । ଯଦି ଗାଁ ଭିତରେ ମଧ୍ୟ କୌଣସି ଉପଯୁକ୍ତ ଅନୁସୁଚିତ ଜାତି(SC)ର ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି, ତେବେ ସଂପୃକ୍ତ ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଗ୍ରାମ ଗୁଡିକ ମଧ୍ୟରୁ ବିଜ୍ଞାପିତ ରାଜସ୍ୱ ଗ୍ରାମର ପାଖ ଗ୍ରାମରୁ ଉପରୋକ୍ତ ମତେ ଆବେଦନ କରିଥିବା ଅନୁସୁଚିତ ଜାତି(SC)ର  ପ୍ରାର୍ଥିନୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଇପାରେ ।

ଘ. ଯଦି ଉପରୋକ୍ତ ମତେ କୌଣସି ମାମଲରେ ଅନୁସୂଚିତ ଜାତିର ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି, ତେବେ ସଂପୃକ୍ତ କେନ୍ଦ୍ରାଂଚଳ ପରିସର ଭୁକ୍ତ ଅନ୍ୟାନ୍ୟ ବର୍ଗର ପ୍ରାର୍ଥିନୀଙ୍କୁ ସୁଯୋଗ ଦିଆଯିବ ।

ଙ. ଯଦି ଉକ୍ତ ଅଙ୍ଗନବାଡି କେନ୍ଦ୍ରର ସହକର୍ମୀ ୫ ବର୍ଷରୁ ଅଧିକ କାର୍ଯ୍ୟ କରି ତଥା ଆବଶ୍ୟକୀୟ ଯୋଗ୍ୟତା ଥାଇ ଉପଯୁକ୍ତ ବୋଲି ବିବେଚିତ ହେବେ, ତାଙ୍କୁ ଅଙ୍ଗନବାଡି କର୍ମୀ ପଦବୀକୁ ମନୋନୀତ କରାଯିବ । ପ୍ରକାଶ ଥାଉକି ଏ କ୍ଷେତ୍ରରେ କୌଣସି ବିଜ୍ଞାପନ ପ୍ରକାଶ ନକରି ସହକର୍ମୀଙ୍କୁ ସିଧାସଳଖ ଉକ୍ତ ଅଙ୍ଗନବାଡି କର୍ମୀ ପଦବୀରେ ନିଯୁକ୍ତି ଦିଆଯିବ । (ପତ୍ର ସଂଖ୍ୟା-୧୯୭୨୯ ତା-୦୪.୦୯.୨୦୨୪)

ଚ.  ପ୍ରାର୍ଥିନୀ ଯଦି ଅଙ୍ଗନବାଡି କେନ୍ଦ୍ର ଅଂଚଳରେ ବାଲବାଡି କର୍ମୀ ହିସାବରେ ୫ ବର୍ଷରୁ ଅଧିକ କାଳ କାର୍ଯ୍ୟ କରିଥାନ୍ତି ଏବଂ ଆବଶ୍ୟକୀୟ ଯୋଗ୍ୟତା ହାସଲ କରିଥାଆନ୍ତି, ତେବେ ତାଙ୍କୁ ଅଙ୍ଗନବାଡି କର୍ମୀ ପଦବୀକୁ ମନୋନୀତ କରାଯିବ । ପ୍ରକାଶ ଥାଉକି ଏ କ୍ଷେତ୍ରରେ ପ୍ରାର୍ଥିନୀଙ୍କର ବୟସ ସହିତ ଅଭିଜ୍ଞତାର ବୟସ ମିଶାଯାଇ ଧାର୍ଯ୍ୟ ବୟସ ଠାରୁ ସର୍ବୋଚ୍ଚ ୧୦ ବର୍ଷ ପର୍ଯ୍ୟନ୍ତ ବୟସ କୋହଳ କରାଯିବ ।

ଛ. ପ୍ରାର୍ଥନୀ ଯଦି ଉକ୍ତ ମିନି ଅଙ୍ଗନବାଡି ର କର୍ମୀ ହିସାବରେ କାର୍ଯ୍ୟ କରୁ ଥାଆନ୍ତି, ତେବେ ଆବଶ୍ୟକତା ଯୋଗ୍ୟତା ସହିତ ୧ ବର୍ଷର ଅଭିଜ୍ଞତା ଥିଲେ ତାଙ୍କୁ ଉକ୍ତ କେନ୍ଦ୍ରର କର୍ମୀ ପଦବୀକୁ ମନୋନୀତ କରାଯିବ ।

ପ୍ରକାଶ ଥାଉକି କୌଣସି ପରିସ୍ଥିତି ଅନୁଧ୍ୟାନ ପୂର୍ବକ ତଥା କୌଣସି କାରଣ ନଦର୍ଶାଇ ଚୟନ କମିଟିର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଉକ୍ତ ବିଜ୍ଞାପନକୁ ଆବଶ୍ୟକ ମତେ ପରିବର୍ତ୍ତନ କିମ୍ବା ସମ୍ପୂର୍ଣ୍ଣ ବାତିଲ କରାଯାଇପାରେ ।

30/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ହରିଚନ୍ଦନପୁର

ପରିପତ୍ର ସଂଖ୍ୟା- ୫୬୫ ତା- ୩୦.୦୫.୨୦୨୬

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମ ପଂଚାୟତର ସରପଂଚଙ୍କ ଅବଗତି ତଥା ଉଦ୍ଦିଷ୍ଟ କେନ୍ଦ୍ର ଅଂଚଳରେ ବହୁଳ ପ୍ରଚାର ନିମନ୍ତେ ଗ୍ରା.ପ.ନୋଟିସ ବୋର୍ଡ଼ରେ ଝୁଲାଇବା ନିମନ୍ତେ ପ୍ରେରଣ କରାଗଲା ।

30/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ହରିଚନ୍ଦନପୁର

ପରିପତ୍ର ସଂଖ୍ୟା- ୫୬୬ ତା- ୩୦.୦୫.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,କେନ୍ଦୁଝର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହରିଚନ୍ଦନପୁର / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ,ହରିଚନ୍ଦନପୁର/ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ,ହରିଚନ୍ଦନପୁର/ଗୋଷ୍ଠୀ ଶିକ୍ଷା ଅଧିକାରୀ,ହରିଚନ୍ଦନପୁର/ପଂଚାୟତ ସମିତି କାର୍ଯ୍ୟାଳୟ ଙ୍କ ସଦୟ ଅବଗତି ତଥା କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

30/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ହରିଚନ୍ଦନପୁର

ପରିପତ୍ର ସଂଖ୍ୟା- ୫୬୭ ତା- ୩୦.୦୫.୨୦୨୬

ଏହାର ଦୁଇକିତା ନକଲ ସଂପୃକ୍ତ ଅଙ୍ଗନବାଡ଼ି କର୍ମୀ/ମହିଳା ପରିଦର୍ଶିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅଙ୍ଗନବାଡ଼ି କର୍ମୀ ଙ୍କୁ ନିର୍ଦ୍ଦେଶ ଦିଆଗଲା କି ସେ ଗୋଟିଏ କପି କେନ୍ଦ୍ରର ମଧ୍ୟ ଭାଗରେ ଝୁଲାଇବା ସହିତ ଅନ୍ୟ କପିରେ ପ୍ରାପ୍ତି ସ୍ୱୀକାର ସରୁପ ଗ୍ରାମର ମହିଳା ମାନଙ୍କ ଦସ୍ତଖତ କରି କାର୍ଯ୍ୟାଳୟକୁ ଫେରାଇବେ ।

30/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ହରିଚନ୍ଦନପୁର